## ଗାଡ଼ି ଧକ୍କାରେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ

**କେନ୍ଦୁଝର,(ନରେଶ ଚନ୍ଦ୍ର ପଟ୍ଟନାୟକ):** କେନ୍ଦୁଝର ସଦର ଥାନା ଜାତୀୟ ରାଜପଥ ୪୯ର କେନ୍ଦୁଆ ନିକଟରେ ରବିବାର ଭୋର ସମୟରେ ଗାଡି ଧକ୍କାରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତ ବ୍ୟକ୍ତିଙ୍କ ବୟସ ୪୦ ରୁ ୪୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଦୁର୍ଘଟଣା ପରେ ଏକାଧିକ ଗାଡି ମୃତ ବ୍ୟକ୍ତିଙ୍କ ଉପରେ ଚଢ଼ି ଯାଇଥିବାରୁ ପରିଚୟ ଜଣାପଡୁନାହିଁ। ସଦର ଥାନା ଆଇଆଇସି ରମାକାନ୍ତ ସା କହିଛନ୍ତି, ମୃତଦେହ ଜବତ ହୋଇଛି। ଘଟଣାର ତଦନ୍ତ ଜାରି ରହିଛି।

# ଜଡ଼ିବୁଟି ଦିବସରେ ଚାରାରୋପଣ



ଭୋଗୁପୁର ବିଦ୍ୟାଳୟ ପରିସରରେ ଔଷଧୀୟ ଚାରାରୋପଣ କରାଯାଉଛି।

ଖଇରା,୬।୮(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକର ବିଭିନ୍ନ ସ୍ଥାନରେ ଜଡିବୁଟି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ପତଞ୍ଜଳି ଯୋଗ ସମିତି ପକ୍ଷରୁ ଭୋଗୁପୁର ପ୍ରାଥମିକ ବିଦ୍ୟାଳୟରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଯୋଗ ପ୍ରଚାରକ ତଥା ଯୁବ କାର୍ଯ୍ୟକାରିଣୀ ସଦସ୍ୟ ମୁକ୍ତିକାନ୍ତ ପାଣିଗ୍ରାହୀଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ପ୍ରଭାରୀ ଉମେଶ ଚନ୍ଦ୍ର ନାୟକ, ଭାରତ ସ୍ୱାଭିମାନ ପ୍ରଭାରୀ ବୁଦ୍ଧିରାମ ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇ ପୁରାତନ କାଳରୁ ଆଜି ପର୍ଯ୍ୟନ୍ତ ଜଡିବୁଟିର ଆବଶ୍ୟକତା ଓ ଉପକାରିତା ଉପରେ ଆଲୋକପାତ କରିଥିଲେ । ଶିକ୍ଷୟିତ୍ରୀ ଆରତୀ ମାଝୀ ଓ ପ୍ରତାପ ଚନ୍ଦ୍ର ଲେଙ୍କା, ତାପସ ବେହେରା, ପ୍ରତୀକ ବେହେରା, ରାମଚନ୍ଦ୍ର ବେହେରା, ଭାଗିରଥୀ ମହାକୁଡ, ସୁରେନ୍ଦ୍ର ବାରିକ, ରାଜେନ୍ଦ୍ର ବାରିକ, ସୀତା ବେହେରା, ମିତା ବେହେରା, ସୁଲୋଚନା ପାଣିଗ୍ରାହୀ, ଯଶୋଦା ବେହେରା, ଅହଲ୍ୟା ବେହେରା, ସହଦେବ ବେହେରା ପ୍ରମୁଖ ଗ୍ରାମବାସୀଙ୍କ ଦ୍ୱାରା ଅଁଳା, ତୁଳସୀ, ଘିକୁଆଁରୀ, ହରିଡା, ବାହାଡା,ପିଜୁଳି ଇତ୍ୟାଦି ଚାରାରୋପଣ କରାଯିବା ସହ ଚାରା ବଣ୍ଟନ ମଧ୍ୟ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଜଡିବୁଟି ବିଶାରଦ ଆଚାର୍ଯ୍ୟ ବାଳକୃଷ୍ଣଙ୍କ ଜନ୍ମଦିବସକୁ ଜଡିବୁଟି ଦିବସ ଭାବେ ପାଳନ କରାଯାଇଥାଏ ।

## ବ୍ୟକ୍ତିଗତ ଜାଗାରେ ନଳକୂପ ଖନନକୁ ବିରୋଧ

ରୂପସା,୬।୮(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ କୁରାଡ଼ିହା ପଞ୍ଚାୟତ ଅନ୍ତର୍ଗତ କୋଇଲିସାହି ଗ୍ରାମରେ ଏକ ବ୍ୟକ୍ତିଗତ ଜାଗାରେ ନୂତନ ଭାବେ ସରକାରୀ ନଳକୂପ ଖନନକୁ ସରପଞ୍ଚଙ୍କ ସମେତ ଗ୍ରାମବାସୀ ବିରୋଧ କରିଛନ୍ତି। ଏହି ନଳକୂପକୁ ସରକାରୀ ଜାଗାରେ ଖନନ କରାଯିବା ପାଇଁ ଜିଲାପାଳଙ୍କୁ ଗ୍ରାମବାସୀ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନା ଅନୁଯାୟୀ, ଏହି ଗ୍ରାମରେ ଏକ ନୂତନ ନଳକୂପ ବସାଇବା ପାଇଁ ପୂର୍ବରୁ ଗାଁ ଲୋକେ ବିଭାଗୀୟ ଅଧିକାରୀଙ୍କୁ ଆବେଦନ କରିଥିଲେ। ଜିଲା ଜଳ ଯୋଗାଣ ଓ ପାନୀୟ ଜଳ ବିଭାଗ ତରଫରୁ ଏକ ସରକାରୀ ନଳକୂପ ମଞ୍ଜୁର ହୋଇଥିଲା। ଏହା ପରେ ଉକ୍ତ ନୂତନ ନଳକୂପଟି ଗ୍ରାମର ତୁଳସୀ ଦଳେଇଙ୍କ ଘରଠାରେ ଖନନ କରାଯାଇଥିଲା। କିନ୍ତୁ ସେଠାରେ ବ୍ୟକ୍ତିଗତ ଜାଗାରେ ଖନନ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଉତ୍ତେଜନା ପ୍ରକାଶ ପାଇଥିଲା। ସରପଞ୍ଚ ନିରଞ୍ଜନ ଧଳ, ୱାର୍ଡସଭ୍ୟା ଜ୍ୟୋସ୍ନାରାଣୀ ଦାସ, ୱାର୍ଡସଭ୍ୟ ରବୀନ୍ଦ୍ର ଦାସ, ଅରୁଣ କୁମାର ଦଳାଇ, ବିକର୍ତ୍ତନ ବାରିକ, ନିରଞ୍ଜନ ବାରିକ, ଶିବ ଦାସ ଓ ବହୁ ଗ୍ରାମବାସୀ ଏ ସମ୍ପର୍କରେ ଜିଲାପାଳଙ୍କ ସମେତ ବିଡିଓ, ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ, ଉପଖଣ୍ଡ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ନ ହେଲେ ଆନ୍ଦୋଳନ ଜୋରଦାର ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ଓଭରବ୍ରିଜ୍ ବାଡ଼ାରେ ପିଟିହୋଇ ବାଇକ୍ ଆରୋହୀଙ୍କ ମୃତ୍ୟୁ

ବେତନଟୀ, ୬।୮(ଧରଣୀଧର ମହାନ୍ତି)

ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ୧୮ ନମ୍ବର ଜାତୀୟ ରାଜପଥର ଦୁର୍ଗାପୁର ନିକଟରେ ରବିବାର ଓଭରବ୍ରିଜ ବାଡ଼ାରେ ପିଟିହୋଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ବାରିପଦା ସଦର ଥାନା ଅଧୀନ ନିତୁଆପଦା ଗ୍ରାମର ମକରା ସରେନ। ସେ ଦୁଇଜଣ ସାଙ୍ଗଙ୍କ ସହ ବାଇକ୍‌ରେ ବାରିପଦାରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ସେମାନେ ଓଭରବ୍ରିଜ ବାଡ଼ାରେ ପିଟି ହୋଇଯାଇଥିଲେ। ମକରାଙ୍କୁ ଗୁରୁତର ଅବସ୍ଥାରେ ବେତନଟୀ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।






# ବସ୍-ବାଇକ୍ ଧକ୍କା, ଜଣେ ମୃତ

ପାଟଣା,୬।୮(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ଦେଇ ଯାଇଥିବା ୨୨୦ନମ୍ବର ଜାତୀୟ ରାଜପଥ ପରମେଶ୍ୱର ଶିବମନ୍ଦିର ବାଙ୍କ ନିକଟରେ ରବିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବସ ସହ ବାଇକ୍ ମୁହାଁମୁହିଁ ଧକ୍କା ଫଳରେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଘଟଗାଁ ବ୍ଲକ୍ ବାରାହାଟିପୁରାର ସୁରେଶ ନାଏକଙ୍କ ପୁଅ ଶ୍ରୀହରୀ ନାଏକ(୧୬)। ଏଥିରେ ଉକ୍ତ ବ୍ଲକ୍ ତରା ଗ୍ରାମର ରବି ମହାରଣାଙ୍କ ପୁଅ କାହ୍ନା ମହାରଣା ଗୁରୁତର ହୋଇ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁଯାୟୀ, ସଂଗ୍ରାମ ନାମକ ଏକ ଘରୋଇ ବସ୍ କେନ୍ଦୁଝର ପୁରୁଣା ବଜାରରୁ ସାହାରପଡ଼ା ବ୍ଲକ୍ ତାଳପଦା ଗାଁକୁ ଭଡ଼ାରେ ଯାଉଥିଲା। ଶ୍ରୀହରୀ ଓ କାହ୍ନା ସାହାରପଡା ବ୍ଲକ୍ ଟଭାସରୁଆରୁ ବାଇକରେ ଫେରୁଥିଲେ। ବୈତରଣୀ ନଦୀ ପୋଲ ପୂର୍ବରୁ ଥିବା ବାଙ୍କ ନିକଟରେ ବସ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣା ସ୍ଥଳରେ ଶ୍ରୀହରୀଙ୍କ ମୃତ୍ୟୁ ଘଟିଥିଲା। ଉଭୟ ବସ ଓ ବାଇକକୁ ପାଟଣା ପୋଲିସ ଜବତ କରିଛି। ଏ ନେଇ ପାଟଣା ଥାନାରେ ମାମଲା(ନଂ. ୧୩୨/୨୩) ରୁଜୁ ହୋଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଦୀପ୍ତି ରଞ୍ଜନ ସାହୁ କହିଛନ୍ତି।

# ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ଏବିଭିପିର ରକ୍ତଦାନ ଶିବିର

ଭଦ୍ରକ,୬।୮(ସନାତନ ରାଉତ/ରବିନାରାୟଣ ଖିଲାର)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଭଦ୍ରକ ଜିଲା ଶାଖା ପକ୍ଷରୁ ଜିଲା ରକ୍ତଭଣ୍ଡାର ପରିସରରେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ରାଷ୍ଟ୍ରବାଦୀ ବିଚାରକ ତଥା ବିଦ୍ୟାର୍ଥୀ ପରିଷଦର ନିରଞ୍ଜନ ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲାର ବିଭିନ୍ନ ବ୍ଲକରେ ଥିବା ମହାବିଦ୍ୟାଳୟର ବିଦ୍ୟାର୍ଥୀମାନେ ରକ୍ତଦାନ କରିଥିଲେ। ଏଥିରେ ୫୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ରକ୍ତ ଅଭାବରୁ କାହାରି ଜୀବନ ହାନି ନ ଘଟୁ ଏବଂ ସମାଜ ପ୍ରତି ଆମ ସେବା କାର୍ଯ୍ୟ ନିୟମିତ ଭାବେ ଜାରି ରହୁ ବୋଲି ଏବିଭିପିର ଜିଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ କହିଥିଲେ। ଜିଲା ସଂଯୋଜକ ଜ୍ୟୋତି ପ୍ରକାଶ ସାହୁ, ଜିଲା ସହ ପ୍ରମୁଖ ପୁରୁଷୋତ୍ତମ ବେହେରା, ବାଲେଶ୍ୱର ବିଭାଗ ସହ ସଂଯୋଜକ ବିଶ୍ୱନାଥ ଲାହା, ସହ ସଂଯୋଜିକା ମମତା ମହାକୁଡ଼, ବିଭାଗ ଛାତ୍ରୀ ସହ ପ୍ରମୁଖ ପାର୍ବତୀ ମିଶ୍ର, ବିଭାଗ ସଙ୍ଗଠନ ମନ୍ତ୍ରୀ ସସ୍ମିତ ପ୍ରସାଦ ରାଉତ, ଗୋବିନ୍ଦ ରାଉତ, ଦେବାଶିଷ ଲାହା, ଓଁକାର ମହାନ୍ତି, ଗୋପାଳ ଗୋଛାୟତ, ହୃଷିକେଶ ଗୋସ୍ୱାମୀ, ହିମାଂଶୁ ନାୟକ, ଆଲୋକ ଦାସ ପ୍ରମୁଖ ରକ୍ତଦାନ କରିଥିଲେ। ପ୍ରଶାନ୍ତ ସିଂ, ରାହୁଲ ଦେବ ସାହୁ, ଦୀପକ ବେହେରା, ବାମଦେବ ବାରିକ, ଶୁଭଲକ୍ଷ୍ମୀ ପୃଷ୍ଟି, ପ୍ରକାଶ ଦାସ ଓ ଶଶିକଳା ସାହୁ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଅଧାବାଟରେ ଆମ୍ବୁଲାନ୍ସ ଖରାପ

## ୨ ଘଣ୍ଟା ପଡ଼ିରହିଲେ ରୋଗୀ

ମୋରଡ଼ା,୬।୮(ସ୍ମାରକ ମାଜୀ)

ରୋଗୀଙ୍କୁ ଡାକ୍ତରଖାନାକୁ ନେଉଥିବା ବେଳେ ୧୦୮ ଆମ୍ବୁଲାନ୍ସ ଅଧାରାସ୍ତାରେ ଖରାପ ହୋଇଗଲା। ଏପରିକି ରୋଗୀଙ୍କୁ ନେବା ପାଇଁ ଆସିଥିବା ଅନ୍ୟ ଏକ ଆମ୍ବୁଲାନ୍ସ ମଧ୍ୟ ଖରାପ ହୋଇ ୨ ଘଣ୍ଟା ଧରି ଅଟକି ରହିଥିଲା। ଫଳରେ ରୋଗୀ ଆମ୍ବୁଲାନ୍ସରେ ଦୁଇଘଣ୍ଟା ପଡ଼ିରହିଥିଲେ। ମୟୂରଭଞ୍ଜ ଜିଲା ଚିତ୍ରଡ଼ା ଜଗନ୍ନାଥ ମନ୍ଦିର ନିକଟରେ ଶନିବାର ବିଳମ୍ବିତ ରାତିରେ ଏଭଳି ଘଟଣା ଦେଖିବାକୁ ମିଳିଥିଲା।

ସୂଚନା ଅନୁଯାୟୀ, ରାସଗୋବିନ୍ଦପୁର ଡାକ୍ତରଖାନାରୁ ରାଜେନ ବିଷାଣୀ ନାମକ ଜଣେ ରୋଗୀଙ୍କୁ ନେଇ ଏକ ଆମ୍ବୁଲାନ୍ସ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲକୁ ଯାଉଥିଲା। ଚିତ୍ରଡ଼ା ଜଗନ୍ନାଥ ମନ୍ଦିର ନିକଟରେ ଆମ୍ବୁଲାନ୍ସର ଟାୟାର ଫାଟି ଯିବାରୁ ଅଟକି ରହିଥିଲା। ସେଥିରେ ଥିବା ଫାର୍ମାସିଷ୍ଟ ଏବଂ ଡ୍ରାଇଭର ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ପରେ ଅନ୍ୟ ଏକ ଆମ୍ବୁଲାନ୍ସ ଉକ୍ତ ରୋଗୀଙ୍କୁ ନେବା ପାଇଁ ଆସିଥିଲା। କିନ୍ତୁ ଉକ୍ତ ଆମ୍ବୁଲାନ୍ସ ମଧ୍ୟ ଖରାପ ହୋଇଯାଇଥିଲା। ମରାମତି ହୋଇ ପ୍ରାୟ ଦୁଇ ଘଣ୍ଟା ପରେ ରୋଗୀଙ୍କୁ ପିଆର୍‌ଏମ୍ ମେଡିକାଲକୁ ନେଇଥିଲା। ଏନେଇ ଫାର୍ମାସିଷ୍ଟ ଶୁଭମ ମହାନ୍ତି କହିଛନ୍ତି, ଆମ୍ବୁଲାନ୍ସର ଚକ ଖରାପ ଥିବା ସେ ମେଣ୍ଟେନାନ୍ସ ବିଭାଗକୁ ଜଣାଇଥିଲେ। ନୂଆ ଟାୟାର ଆସିବା ପର୍ଯ୍ୟନ୍ତ ଗାଡ଼ି ଏମିତି ଚାଲୁଥାଉ ବୋଲି ତାଙ୍କୁ କୁହାଯାଇଥିଲା।

# ବିଦ୍ୟାଳୟରେ ଚାଉଳ ଦୁର୍ନୀତି

## ତଦନ୍ତ କଲେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ

**ଖଇରା,୬।୮(ଉତ୍କଳବନ୍ଧୁ ପଣ୍ଡା):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଅମରିଆ ପ୍ରାଥମିକ ବିଦ୍ୟାଳୟରେ ଚାଉଳ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହୋଇଛି । ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶୁକ୍ରବାର ବିଦ୍ୟାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟ ପିଲା ସଂଖ୍ୟା ଅନୁପାତରେ ମଧ୍ୟାହ୍ନଭୋଜନ ବାବଦରେ ୮କୁଇଣ୍ଟାଲ ଚାଉଳ ଉଠାଯିବା କଥା। ହେଲେ ପ୍ରଧାନଶିକ୍ଷକ ମାତ୍ର ସାଢ଼େ ୩ କୁଇଣ୍ଟାଲ ଚାଉଳ ଉଠାଇ ୮କୁଇଣ୍ଟାଲର ରିଟର୍ଣ୍ଣ କାର୍ଯ୍ୟାଳୟକୁ ପ୍ରଦାନ କରିଥିଲେ। ଏଣୁ ବାକି ଚାଉଳକୁ ସେ ବିଦ୍ୟାଳୟରେ ପହଞ୍ଚିବା ପୂର୍ବରୁ ବିକି ଦେଇଥିବା ନେଇ ଉକ୍ତ ବିଦ୍ୟାଳୟ ସହକାରୀ ଶିକ୍ଷକ ତଥା ଗ୍ରାମବାସୀ କହିଛନ୍ତି। ଏହା ପୂର୍ବରୁ ମଧ୍ୟ ସେହି ପ୍ରଧାନଶିକ୍ଷକ ନଛିପୁର ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିବାବେଳେ ଏଭଳି ଚାଉଳ ଦୁର୍ନୀତି ଧରାପଡ଼ିଥିଲା। କମିଟି ମାଧ୍ୟମରେ ଏହାର ସମାଧାନ ହୋଇଥିଲା। ଏ ସମ୍ପର୍କରେ ଗୋଷ୍ଠୀ ଶିକ୍ଷାଧିକାରୀ ଗଦାଧର ଦାସଙ୍କୁ ପଚାରିବାରୁ ଅଭିଯୋଗ ପରେ ସେ ତଦନ୍ତ ଦାୟିତ୍ୱ ଏବିଇଓ ଗୌରାଙ୍ଗ ମହାପାତ୍ରଙ୍କୁ ପ୍ରଦାନ କରିଛନ୍ତି ଓ ରିପୋର୍ଟ ଅନୁଯାୟୀ ସୋମବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ପଚାରିବାରୁ ଡିଲରଙ୍କ ପାଖରେ ଚାଉଳ କମ୍ ଥିବାରୁ ସେ ମାତ୍ର ସାଢେ ୩ କୁଇଣ୍ଟାଲ ଚାଉଳ ଦେଇଥିଲେ। ଅନ୍ୟଦିନ ବାକି ଚାଉଳ ପ୍ରଦାନ କରିବାକୁ କଥା ହୋଇଥିଲା ବୋଲି କହିଛନ୍ତି।




## ମେଡିକାଲ କର୍ମଚାରୀଙ୍କୁ ମାଡ଼ମାରି ଯୁବକ ଗିରଫ

କୁଳିଅଣା,(ଆଦିକନ୍ଦ ସାହୁ ): ମୟୂରଭଞ୍ଜ ଜିଲା କୁଳିଅଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କୁ ମାଡ଼ ଅଭିଯୋଗରେ କୁଳିଅଣା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଥାନା ଅନ୍ତର୍ଗତ ଟମକିଆଶୋଳ ଗ୍ରାମର ଶୁକଦେବ ବାରିକ(୨୧)। ଶୁକଦେବ କର୍ମଚାରୀଙ୍କୁ ମାଡ଼ ମାରିବା ସହିତ ଗାଳିଗୁଲଜ କରିଥିଲେ। ସେସୋସିଆଲ ମିଡ଼ିଆରେ କର୍ମଚାରୀଙ୍କୁ ମାଡ଼ ମାରୁଥିବା ଫଟୋ ଭାଇରାଲ ହୋଇଥିଲା। ଏ ନେଇ ଥାନାରେ ମାମଲା (ନଂ. ୧୦୬/୨୩)ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ବିଶ୍ୱପ୍ରକାଶ ରାଉତ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ବେଆଇନ କରତ କଳରେ ଚଢ଼ାଉ, ମାଲିକ ଗିରଫ

ବୈଶିଙ୍ଗା,୬।୮(ରତନ ଦାଶ)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ହେମପୁର ଗ୍ରାମ ନିକଟସ୍ଥ ଧାନଘେରାଠାରେ ବେଆଇନ ଭାବେ ଚାଲୁଥିବା ଏକ କରତକଳରେ ବନ ବିଭାଗର ଭିଜିଲାନ୍ସ ସ୍କ୍ୱାଡ୍ ଶନିବାର ସନ୍ଧ୍ୟାରେ ଚଢ଼ାଉ କରିଥିଲା। ଏସିସିଏଫ୍ ତପନ କୁମାର ପରିଡ଼ା ଓ ବନପାଳ ବିବେକାନନ୍ଦ ଜେନା ଚଢ଼ାଉ କରିଥିଲେ। କାଠ ଗଡ଼ କାଟୁଥିବା ମେଶିନ, ଟ୍ରଲି ଓ ପ୍ରାୟ ୨୦ ହଜାର ଟଙ୍କାର କାଠ ପଟା ଜବତ କରାଯାଇଥିଲା। ଏଥିସହ କରତକଳ ମାଲିକ ବିନୋଦ ସିଂଙ୍କୁ ଗିରଫ କରାଯାଇଛି। ଏନେଇ ବନ ବିଭାଗ ପକ୍ଷରୁ ମାମଲା ରୁଜୁକରାଯାଇ ଗିରଫ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ବେତନଟୀ ରେଞ୍ଜରଙ୍କ ତତ୍ତ୍ୱାବଧାନରେ ବୈଶିଙ୍ଗା ବନପାଳ, ଭିଜିଲାନ୍ସ ବିଭାଗ ଅଧିକାରୀ ଓ ବୈଶିଙ୍ଗା ଥାନା ପୋଲିସ କର୍ମଚାରୀ ଚଢ଼ାଉରେ ସାମିଲ ଥିଲେ।

### ଛାତ୍ରଙ୍କ ମୃତଦେହ ଜବତ

କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ)/ ତେଲକୋଇ( ରଞ୍ଜିତ ବିଶ୍ୱାଳ),୬।୮

କେନ୍ଦୁଝର ଜିଲା ତେଲକୋଇ ଥାନା ଅନ୍ତର୍ଗତ ପୁରୁଯୋଡ଼ା ପଞ୍ଚାୟତର ବେଣାମୁଣ୍ଡା ଗ୍ରାମର ମାଟିଆ ମୁଣ୍ଡା ସାହିରେ ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଏକ ଆମ୍ବ ଗଛରୁ ପୋଲିସ ଜବତ କରିଛି। ମୃତକ ଗ୍ରାମର ମିଲୁ ପୂର୍ତ୍ତି ବୋଲି ଜଣାପଡ଼ିଛି। ସେ ସ୍ଥାନୀୟ ବେଣାମୁଣ୍ଡା ହାଇସ୍କୁଲରେ ଅଷ୍ଟମ ଶ୍ରେଣୀରେ ପଢୁଥିଲେ। ମିଲୁଙ୍କ ବାପା ସିଙ୍ଗା ପୂର୍ତ୍ତିଙ୍କ ଆଠ ବର୍ଷ ପୂର୍ବେ ମୃତ୍ୟୁ ଘଟିଥିଲା। ସେ ଭାଇ ଓ ମା'ଙ୍କ ସହିତ ରହୁଥିଲେ। କେଉଁ କାରଣରୁ ମିଲୁ ଆତ୍ମହତ୍ୟା କଲେ ତାହାର କାରଣ ଜଣାପଡ଼ିନାହିଁ। ନିଜ ଗାମୁଛାରେ ଝୁଲିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ସାମାଜିକ କର୍ମୀଙ୍କ ପରଲୋକ

ବନ୍ତ,୬।୮(ହରିନାରାୟଣ ମହାନ୍ତି)- ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ନିଳୋକ ପଞ୍ଚାୟତ ସାହାଡ଼ାପଲ୍ଲୀ ଗ୍ରାମର ସାମାଜିକ କର୍ମୀ ନିତ୍ୟାନନ୍ଦ ଲେଙ୍କା(୭୨)ଙ୍କ ଶନିବାର ପରଲୋକ ହୋଇଛି। କିଛିମାସ ହେଲା ସେ ଶ୍ୱାସ ଓ ହୃଦ୍‌ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ୩ ଦିନ ତଳେ ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଶନିବାର ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ, ଦୁଇପୁଅ, ଦୁଇ ଝିଅଙ୍କ ସମେତ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଖବରପାଇ ସାମାଜିକ କର୍ମୀ ସେକ୍ ଜଲାଲଉଦ୍ଦୀନ, ପ୍ରଫୁଲ୍ଲ ପାତ୍ର, ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷ ବଟକୃଷ୍ଣ ମହାନ୍ତି, ସରପଞ୍ଚ ପ୍ରତିନିଧି ରବୀନ୍ଦ୍ର ସେଠୀ, ପୂର୍ବତନ ସରପଞ୍ଚ ଅଶୋକ ମହାନ୍ତି ପ୍ରମୁଖ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ବଡ଼ପୁଅ ଜିତେନ୍ଦ୍ର ମୁଖାଗ୍ନି ଦେଇଥିଲେ।

# ନିଷ୍କାସନ ହେଉନି ବନ୍ୟାପାଣି

ତିହିଡ଼ି,୬।୮(ସଞ୍ଜିତ୍ ବଳ)

ଭଦ୍ରକ ଜିଲା ତିହିଡ଼ି ତହସିଲ ଅଧୀନ ବିଲଣା ପଞ୍ଚାୟତର ୩ଟି ଗ୍ରାମର ବନ୍ୟାବିପନ୍ନ ପାଣି ନିଷ୍କାସନ ହେଉ ନ ଥିବାରୁ ରବିବାର ପୂର୍ବାହ୍ନରେ ଅଣ୍ଡରେଇ- ମଙ୍ଗଳପୁର ରାସ୍ତା ଅବରୋଧ କରି ଧାରଣାରେ ବସି ରହିଥିଲେ। ପଞ୍ଚାୟତରେ ଥିବା ଏକ ନାଳ ସଂସ୍କାର ନ ହେବା ଯୋଗୁ ବନ୍ୟାପାଣି ନିଷ୍କାସନ ହୋଇପାରୁ ନାହିଁ। ଉକ୍ତ ନାଳର ସଂସ୍କାର ପାଇଁ ସେମାନେ ଦାବି କରିଛନ୍ତି। ବିଲଣା ପଞ୍ଚାୟତର ନାଳିଆ ନଈରୁ ବାହାରି ରେବ ନଦୀରେ ମିଶିଥିବା ନାଳଟି ବିଭିନ୍ନ ସ୍ଥାନରେ ପୋତି ହୋଇପଡ଼ିଛି। ଫଳରେ ପାଣି ନିଷ୍କାସନ ହୋଇ ନ ପାରି ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ପଞ୍ଚାୟତର ବିଲଣା ଶାସନ, କେରଡିହ ଓ


ବନ୍ୟା ବିପନ୍ନମାନେ ଅଣ୍ଡରେଇ-ମଙ୍ଗଳପୁର ରାସ୍ତା ଅବରୋଧ କରି ଧାରଣାରେ ବସିଛନ୍ତି।

ତିଆଡ଼ିସାହି ଗ୍ରାମ ଏବେବି ପାଣିଘେରରେ ରହିଛି। ଏହି ନାଳ ସଂସ୍କାର ପାଇଁ ବାରମ୍ବାର ଦାବି କରାଯାଇଥିଲେ ମଧ ଏଥିପ୍ରତି ଗୁରୁତ୍ୱ ଦିଆଯାଇ ନ ଥିଲା। ଏଥିରେ ଅସନ୍ତୋଷ ପ୍ରକାଶ କରି ୩ ଗ୍ରାମର ପ୍ରଦୀପ ପାଣ୍ଡବ, ଚିନ୍ମୟ ବାରିକ, ରାକେଶ ମିଶ୍ର, ଶ୍ରୀକାନ୍ତ ପରିଡ଼ା, ରବୀନ୍ଦ୍ର ନାୟକ, ଦେବାଶିଷ ପଣ୍ଡା, ଜଗନ୍ନାଥ ମହାକୁଡ଼, ଲକ୍ଷ୍ମୀକାନ୍ତ ପରିଡ଼ା, ବିକାଶ ମିଶ୍ର, ସୁଦର୍ଶନ ପାଣ୍ଡବ ପ୍ରମୁଖ ଗ୍ରାମ୍ୟ

### ରାସ୍ତା ଅବରୋଧ କଲେ ବନ୍ୟାବିପନ୍ନ

ଉନ୍ନୟନ ବିଭାଗ ଅଧୀନ ଅଣ୍ଡରେଇ- ମଙ୍ଗଳପୁର ରାସ୍ତା ଅବରୋଧ କରିଥିଲେ। ଜିଲା ପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ ଏହି ସମସ୍ୟା ସମ୍ପର୍କରେ ଜିଲାପାଳ ଓ ତିହିଡ଼ି ତହସିଲଦାରଙ୍କୁ ଜଣାଇଥିଲେ। ତହସିଲଦାର ପ୍ରତୀକ ସାହୁ ପୋଲିସ ଫୋର୍ସ ସହ ଧାରଣାସ୍ଥଳରେ ପହଞ୍ଚି ଧାରଣାରତ ବନ୍ୟା ବିପନ୍ନମାନଙ୍କୁ ବୁଝାଶୁଝା କରିଥିଲେ। ତେବେ ସେମାନେ ତୁରନ୍ତ ସଂସ୍କାର କାର୍ଯ୍ୟ ଆରମ୍ଭ କରିବାକୁ ଜିଦ୍ ଧରିବାରୁ ତହସିଲଦାର ଫେରି ଯାଇଥିଲେ। ରିପୋର୍ଟ ଲେଖାହେବା ସୁଦ୍ଧା ଧାରଣା ଚାଲୁ ରହିଥିଲା।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com


@ଦେବାଶିଷ


@ବିକାଶ


@ଚନ୍ଦନ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ୧୨୩ ୟୁନିଟ୍ ରକ୍ତ ସଂଗ୍ରହ


ରକ୍ତଦାନ ଶିବିରରେ ଆଇଜି ହିମାଂଶୁ କୁମାର ଲାଲ ଓ ଅନ୍ୟମାନେ।

ବାଲେଶ୍ୱର,୬।୮(ମାନସ ବିଶ୍ୱାଳ)

ବାଲେଶ୍ୱର ସହରସ୍ଥିତ ପୋଲିସ ହସ୍ପିଟାଲ ପରିସରରେ ଓଡ଼ିଶା ପୋଲିସ ହାବିଲଦାର ଓ କନେଷ୍ଟବଳ ଶାଖା ସଂଘ, ବାଲେଶ୍ୱର ପକ୍ଷରୁ ରବିବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାରେ ପୋଲିସ ସେବାରେ ନିୟୋଜିତ ଥିବା ସମୟରେ ନିଜ ଜୀବନକୁ ଉତ୍ସର୍ଗୀକୃତ କରିଥିବା ପୋଲିସ ପରିବାରର ସଦସ୍ୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉକ୍ତ ଶିବିର ଅନୁଷ୍ଠିତ ହୋଇଥିଲା। ପୂର୍ବାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ ଏହି ଶିବିରକୁ ଉଦ୍‌ଘାଟନ କରିବା ସହ ନିଜେ ରକ୍ତଦାନ କରିଥିଲେ। ଓଡ଼ିଶା ପୋଲିସ ହାବିଲଦାର ଓ କନେଷ୍ଟବଳ ଶାଖା ସଂଘ ବାଲେଶ୍ୱରର

### ପୋଲିସ ସେବାରେ ଯୋଡ଼ିହେଲା ରକ୍ତଦାନ ଶିବିର

ସଭାପତି ମାନସ ପାଣିଗ୍ରାହୀ ଶିବିରକୁ ପରିଚାଳନା କରିଥିବା ବେଳେ ମୋଟ୍ ୧୨୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ସମ୍ପାଦକ ହେମନ୍ତ କୁମାର ବାରିକଙ୍କ ସମେତ ସଂଘର ସମସ୍ତ ପଦାଧିକାରୀ ଓ ସଦସ୍ୟମାନେ ସହଯୋଗ କରିଥିଲେ।

ଏନେଇ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ କହନ୍ତି, ଏହା ଏକ ମହତ୍ କାର୍ଯ୍ୟ। ପୋଲିସ ସେବା ସହିତ ସାଧାରଣ ଲୋକଙ୍କ ସେବାରେ ସାମିଲ ହେବାର ଏହା ଏକ ସୁଯୋଗ। ଆୟୋଜିତ ରକ୍ତଦାନ ଶିବିରରେ ଆଇଜିଙ୍କ ଠାରୁ ଆରମ୍ଭ କରି କନେଷ୍ଟବଳ ପର୍ଯ୍ୟନ୍ତ ରକ୍ତଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମ ଜିଲା ମୁଖ୍ୟାଳୟରେ ଆରମ୍ଭ ହୋଇଛି। ପରବର୍ତ୍ତୀ ସମୟରେ ପ୍ରତ୍ୟେକ ଥାନାସ୍ତରରେ ପ୍ରତି ମାସ ଜିଲା ରକ୍ତଭଣ୍ଡାରର ସହଯୋଗରେ ଏହିଭଳି ଶିବିର ଆୟୋଜନ କରାଯିବାର ଯୋଜନା ପ୍ରସ୍ତୁତ କରାଯାଇଥିବା ନାଥ ପ୍ରକାଶ କରିଥିଲେ।

## ବାଇକ୍ ଯାଞ୍ଚ ବେଳେ ବ୍ରାଉନସୁଗାର ଜବତ, ଜଣେ ଗିରଫ

ଭଦ୍ରକ, ୬।୮ (ସନାତନ ରାଉତ)

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ରମ୍ଭିଳା କେନାଲ ଛକଠାରେ ୨ଜଣ ବାଇକ୍ ଆରୋହୀଙ୍କ ନିକଟରୁ ୧୧୮ ଗ୍ରାମ୍ ବ୍ରାଉନସୁଗାର ପୋଲିସ ଜବତ କରିଥିବା ବେଳେ ଜଣଙ୍କୁ ଗିରଫ କରିଛି। ଅନ୍ୟଜଣେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଗ୍ରାମାଞ୍ଚଳ ଥାନା ପରିସରରେ ରବିବାର ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୌରଭ ଓତା ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ଗ୍ରାମାଞ୍ଚଳ ଥାନା ଅଧୀନ ଚରମ୍ପା ବଗମରା ଗ୍ରାମର ଚନ୍ଦନ ମଲିକଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଉକ୍ତ କେନାଲ ଛକ ନିକଟରେ ଗ୍ରାମାଞ୍ଚଳ ପୋଲିସର ଏକ ପାଟ୍ରୋଲିଂ ଟିମ୍ ଶନିବାର ଅପରାହ୍ନରେ ମୋଟର ଯାନ ଯାଞ୍ଚ କରୁଥିଲା। ସିମୁଳିଆ ଥାନା ଅଧୀନ ଅନ୍ତରା ବଜାର ଆଡୁ ଦୁଇଜଣ ଯୁବକ ଏକ ୟାମହା ବାଇକ୍‌ରେ ରମ୍ଭିଳା ଆଡ଼କୁ ଆସୁଥିଲେ। ବାଇକ୍ ଅଟକାଇ ଯାଞ୍ଚ କରିବା ସମୟରେ ଚାଳକ ଫେରାର ହୋଇଯାଇଥିବା ବେଳେ ଚନ୍ଦନଙ୍କୁ ପୋଲିସ ଗିରଫ କରିଥିଲା। ଏନେଇ ଥାନାରେ ମାମଲା (ନଂ.୪୭୮/୨୩) ରୁଜୁ କରାଯାଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୧୭ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାଯାଇଛି। ଫେରାର ଥିବା ଅଭିଯୁକ୍ତ ଓ ବ୍ରାଉନସୁଗାର କାରବାରରେ ସମ୍ପୃକ୍ତ ରାକେଟକୁ ଧରିବା ପାଇଁ ଉଦ୍ୟମ ଜାରି ରହିଥିବା ଏସ୍‌ଡିପିଓ କହିଥିଲେ। ଗ୍ରାମାଞ୍ଚଳ ଥାନାଧିକାରୀ ଅମିତାଭ ଦାସ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ଜଳେଶ୍ୱର ଷ୍ଟେଶନର ଭିତ୍ତିପ୍ରସ୍ତର ସ୍ଥାପନ

ଜଳେଶ୍ୱର( ରବିନାରାୟଣ ପାତ୍ର)/ ରାଇବଣିଆ(ନବୀନ ସାହୁ),୬।୮

### ଅମୃତ ଭାରତ ଯୋଜନା

ଅମୃତ ଭାରତ ଯୋଜନାରେ କେନ୍ଦ୍ର ସରକାର ବାଲେଶ୍ୱର ଜିଲା ଜଳେଶ୍ୱର ରେଳ ଷ୍ଟେଶନ୍‌କୁ ସାମିଲ କରିଛନ୍ତି। ବିଶ୍ୱସ୍ତରୀୟ ଷ୍ଟେଶନ ଭାବେ ଗଢ଼ି ତୋଳିବା ପାଇଁ ଏହାର ପୁନଃନିର୍ମାଣ ଓ ସୌନ୍ଦର୍ଯ୍ୟକରଣ ସକାଶେ ପାଖାପାଖି ୨୨.୯୮ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ରେଳବାଇ ସୂତ୍ରରୁ ଜଣାପଡ଼ିଛି। ବହୁ ପ୍ରତୀକ୍ଷିତ ଏହି ପ୍ରକଳ୍ପ ପାଇଁ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚ୍ଚୁଆଲ୍ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଉତ୍ସବରେ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଜଳେଶ୍ୱର ପୌରାଧ୍ୟକ୍ଷା ପ୍ରତୀକ କୁମାର ପ୍ରଧାନ, ଜଳେଶ୍ୱର ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ବାଲେଶ୍ୱରର ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ଜିଲାସଭାପତି ଉମାକାନ୍ତ ମହାପାତ୍ର, ପ୍ରବୀର କୁମାର ପ୍ରଧାନ, ଶୁଭଙ୍କର ମହାପାତ୍ର, ପ୍ରଦୀପ ପଣ୍ଡା, ମମତା ମହାପାତ୍ର, ଶୋଭନା ମହାନ୍ତି, ଅଂଶୁମାନ ମହାନ୍ତି, ଦିବ୍ୟକାମ ମହାନ୍ତି. ଶାନ୍ତନୁ ପଟ୍ଟନାୟକ, ଫାଲଗୁନୀ ପାଣିଗ୍ରାହୀ, ସିଦ୍ଧାର୍ଥ ଶଙ୍କର ପାଳ, ସମୀର ପାତ୍ର, ଚନ୍ଦନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।



କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

# ଟ୍ରକ୍ ଡ୍ରାଇଭରଙ୍କୁ ଆକ୍ରମଣ କରି ଲୁଟୁଛନ୍ତି

ଯୋଡ଼ା,୬।୮(ମାନସ ମହାନ୍ତି)

- ମୁଖାପିନ୍ଧା ଦୁର୍ବୃତ୍ତଙ୍କ ଆତଙ୍କରାଜ
- ପୋଲିସ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

କେନ୍ଦୁଝର ଜିଲା ବାମେବାରି ଥାନା ଅଧୀନରେ ଥିବା ଜୁରୁଡ଼ି-ଖଣ୍ଡବନ୍ଧ, ଜୁରୁଡ଼ି- ଗୁରୁବେଡ଼ା ରାସ୍ତାରେ ମୁଖାପିନ୍ଧା ଦୁର୍ବୃତ୍ତଙ୍କ ଆତଙ୍କରାଜ ଦେଖିବାକୁ ମିଳୁଛି। ଟ୍ରକ୍ ଡ୍ରାଇଭରଙ୍କୁ ବନ୍ଧୁକ ଦେଖାଇ, ଭୁଜାଲିରେ ଆକ୍ରମଣ କରି ଲୁଟି ନେଉଛନ୍ତି। ସେହି ରାସ୍ତାରେ ଦୈନିକ ଚଳ ପ୍ରଚଳ କରୁଥିବାରୁ ଅନେକ ଡ୍ରାଇଭର ଅଭିଯୋଗ କରିବାକୁ ଭୟ କରୁଛନ୍ତି।

ନାମକୁ ଗୋପନରେ ରଖି ଖଣ୍ଡବନ୍ଧ ପାର୍କିଂରେ ଥିବା କେତେଜଣ ଡ୍ରାଇଭର କହିଛନ୍ତି, ଅଭିଯୋଗ କରିଥିବା ଡ୍ରାଇଭରଙ୍କୁ ହତ୍ୟା ଉଦ୍ୟମ ହୋଇଥିଲା। ତେଣୁ ଭୟରେ କେହି ପୋଲିସ ନିକଟରେ ଅଭିଯୋଗ କରୁନାହାନ୍ତି। ପୋଲିସ ପାଟ୍ରୋଲିଂ ଗାଡ଼ି ଖାଲି ନାଲି ବତି ଲଗାଇ ବୁଲୁଛି। ପୋଲିସର ଗତି ବିଧି ଲକ୍ଷ୍ୟ କରି ଅପରାଧୀ ଅପରାଧ ଭିଆଉଛନ୍ତି। କପୁର୍ ହଟିଂ, ଜରିବାହାଲ, ଜୟ ଶ୍ୟାମ ହଟିଂ ସମେତ ଜୁରୁଡ଼ି ଅଞ୍ଚଳର ବସ୍ତିରେ ଝାଡ଼ଖଣ୍ଡ ଅଞ୍ଚଳର କିଛି ଦୁର୍ଦ୍ଦାନ୍ତ ଅପରାଧୀଙ୍କ ଇଙ୍ଗିତରେ ଏହିପରି ଲୁଟପାଟ କରାଯାଉଛି। ଟ୍ରକ୍ ବ୍ୟବସାୟୀ ନିର୍ମଳ ସିଂ କହିଛନ୍ତି, ଖଣ୍ଡବନ୍ଧଠାରୁ ବାଂଶପାଣି ପର୍ଯ୍ୟନ୍ତ ରାତି ପ୍ରାୟ ୧୧ ଟାରୁ ଭୋର୍ ସକାଳ ପର୍ଯ୍ୟନ୍ତ ମୁଖାପିନ୍ଧା ଦୁର୍ବୃତ୍ତ ପ୍ରଥମେ ଟ୍ରକ୍‌ଗୁଡ଼ିକୁ ପଥର ମାଡ଼ କରି କାଚ ଭାଙ୍ଗି ଦେଉଛନ୍ତି। ଡ୍ରାଇଭର ଗାଡ଼ି ଛାଡ଼ି ପଳାଇବା ପରେ ଗାଡ଼ିରୁ ମୋବାଇଲ, ମୂଲ୍ୟବାନ ଯନ୍ତ୍ରାଂଶ ନେଇଯାଉଛନ୍ତି। ପ୍ରତିବାଦ କଲେ ଛୁରି, ଭୁଜାଲିରେ ଆକ୍ରମଣ କରୁଛନ୍ତି। ଗତ କିଛି ଦିନ ପୂର୍ବେ ତାଙ୍କ ଗାଡ଼ିର ଡ୍ରାଇଭରଙ୍କୁ ଆକ୍ରମଣ କରି ଲୁଟ୍ କରାଯାଇଥିଲା। ସେ କେନ୍ଦୁଝର ଏସ୍‌ପିଙ୍କୁ ଜଣାଇ ଥିଲେ ଏବଂ ବାମେବାରି ଥାନାରୁ ଫୋନ ଆସିଥିଲା। ମାତ୍ର କୌଣସି ପଦକ୍ଷେପ ନିଆଯାଇନାହିଁ। ପୋଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସେ କହିଥିଲେ। ଯୋଡ଼ା ଥାନା ଅଧିକାରୀ ତଥା ବାମେବାରି ଭାରପ୍ରାପ୍ତ ଅଧିକାରୀ ଜୟନାରାୟଣ ଖଣ୍ଡେଇ କହିଛନ୍ତି, ଅଭିଯୋଗ ମିଳିଛି। ଘଟଣାର ଆଭ୍ୟନ୍ତରୀଣ ତଦନ୍ତ ଚାଲିଛି।

# ଗାଡ଼ିଆରୁ ମିଳିଲା ଶିଶୁ ମୃତଦେହ

ବେତନଟୀ(ଧରଣୀଧର ମହାନ୍ତି)/ ବୈଶିଙ୍ଗା(ରତନ ଦାଶ), ୬।୮

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ କାଛି ଗ୍ରାମର ଦିପୁ ବିନ୍ଧାଣୀଙ୍କ ଝିଅ ପାର୍ବତୀ(୩)ଙ୍କ ମୃତଦେହ ରବିବାର ତାଙ୍କ ଘର ପାଖ ଗାଡ଼ିଆରୁ ମିଳିଛି। ସୂଚନା ଅନୁଯାୟୀ, ଶିଶୁକନ୍ୟାଙ୍କ ବାପା ମା' ଭଦ୍ରକ ଜିଲାର ବାସୁଦେବପୁର ଅଞ୍ଚଳକୁ ଚାଷ କାମ ପାଇଁ ଯାଇଥିଲେ। ସେମାନେ ଶିଶୁକନ୍ୟାଙ୍କୁ ତାଙ୍କ ବଡ଼ ମା'ଙ୍କ ପାଖରେ ଛାଡ଼ି ଦେଇ ଯାଇଥିଲେ। ଶନିବାର ସନ୍ଧ୍ୟାରେ ପାର୍ବତୀ ହଠାତ୍ ଘରୁ ନିଖୋଜ ହୋଇଯାଇଥିଲେ। ରବିବାର ଘର ପାଖ ଗାଡ଼ିଆରେ ଭାସୁଥିବା ଦେଖି ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବେତନଟୀ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବର୍ଷାରେ ଧୋଇଗଲା କଂକ୍ରିଟ୍ ରାସ୍ତା

ରାଇରଙ୍ଗପୁର,୬।୮ (ମନୋରଞ୍ଜନ ତିରିଆ)

### ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ ନିମ୍ନମାନର

ମୟୂରଭଞ୍ଜ ଜିଲା ବାମନଘାଟି ଉପଖଣ୍ଡ ଅନ୍ତର୍ଗତ ମାଣିକପୁର ଗାଁ ମୁଣ୍ଡରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା କାମ ନିମ୍ନମାନର ହୋଇଛି। ନୂତନ ଭାବେ ହୋଇଥିବା କଂକ୍ରିଟ୍ ବର୍ଷାରେ ଧୋଇଯାଇ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରାସ୍ତା କାମ ପୁନଃ କରା ନ ଗଲେ ଅଞ୍ଚଳବାସୀ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବେ ବୋଲି ଚେତାବନୀ ଦେଇଛନ୍ତି।

ପ୍ରକାଶ ଯେ, ପାଟପୁରଠାରୁ ବିଶୋଇ ପଞ୍ଚାୟତ ସମିତି ସୀମା(ଭାୟା- ବଳରାମପୁର, ପାଉଁଶିଆବନ୍ଧ) ପର୍ଯ୍ୟନ୍ତ ୧୦ କି.ମି. ୭୦୦ ମିଟର ଦୈର୍ଘ୍ୟ ରାସ୍ତା ନିମନ୍ତେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୬ କୋଟି ୪୯ ଲକ୍ଷ ୩ ହଜାର ଟଙ୍କା ମଞ୍ଜୁରୀ ହୋଇଛି। ୨୦୨୧ ନଭେମ୍ବରରୁ ରାସ୍ତାର ନିର୍ମାଣ କାମ ଚାଲୁ ରହିଛି। ରାସ୍ତା କାମ ଅତି ନିମ୍ନମାନର ହୋଇଥିବାରୁ ଲଗାଣ ବର୍ଷାରେ ଏହାର ସିମେଣ୍ଟ କଂକ୍ରିଟ୍ ସମ୍ପୂର୍ଣ୍ଣ ଧୋଇଯାଇଛି। ରାଇରଙ୍ଗପୁରସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଜନ ଅଧୀନରେ ଏହି ରାସ୍ତାର


ବର୍ଷାରେ ଧୋଇଯାଇଥିବା କଂକ୍ରିଟ୍।

କଂକ୍ରିଟ୍ କାମ ରାତିରେ କରାଯାଇଥିବା ବ୍ଲକ୍ ଉପାଧ୍ୟକ୍ଷା ରୂପିମଣି ଟୁଡୁଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ଭୀମ ହାଁସଦା, ରାମଚନ୍ଦ୍ର ସୋରେନ୍, ମୁଟକାମ୍ ମୁର୍ମୁ, ରଘୁନାଥ ମାର୍ଣ୍ଡି, ଦୁର୍ଯ୍ୟୋଧନ ପାତ୍ର, ଜଗତଜିତ୍ ମାଝି ପ୍ରମୁଖ ମିଳିତ ଭାବେ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି। ରାତିରେ କଂକ୍ରିଟ୍ କାମ ହୋଇଥିବା ଯୋଗୁ ଅତି ନିମ୍ନମାନର ହୋଇଥିବା ଦେଖିବାକୁ ମିଳୁଛି। ରାସ୍ତା କାମକୁ ଭଲ ଭାବରେ କରାଯିବା ଦିଗରେ ପଦକ୍ଷେପ ନେବାରେ ବିଳମ୍ବ ଘଟିଲେ ସ୍ଥାନୀୟ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଅଧୀକ୍ଷଣ ଯନ୍ତ୍ରୀ ଦୁର୍ଯ୍ୟୋଧନ ବେହେରା କହିଛନ୍ତି, ବର୍ଷେ ହେବ ଏହାର ନିର୍ମାଣ କାର୍ଯ୍ୟ ସରିଯାଇଛି। କେବଳ ଏହାର ରକ୍ଷଣାବେକ୍ଷଣ କାମ ବର୍ତ୍ତମାନ ଚାଲିଛି। ରାତିରେ କଂକ୍ରିଟ୍ କାମକୁ ଅସ୍ୱୀକାର କରିଛନ୍ତି।

## ପୋଖରୀରେ ବୁଡ଼ି ବାଳକ ମୃତ

ଭୋଗରାଇ,୬।୮(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ନାରଣ ମହାନ୍ତି ପଡ଼ିଆ ଗ୍ରାମରେ ଜଣେ ବାଳକ ରବିବାର ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ହେଲେ ଅରୁଆବୃତ୍ତି-୨ ଗ୍ରାମର ରବୀନ୍ଦ୍ର ବେହେରାଙ୍କ ପୁଅ ଚନ୍ଦନ(୧୨)।

ସୂଚନା ଅନୁଯାୟୀ, ଚନ୍ଦନ ତାଙ୍କ ମା'ଙ୍କ ସହିତ ମାମୁଘର ନାରଣ ମହାନ୍ତି ପଡ଼ିଆ ଗ୍ରାମକୁ ବୁଲିବାକୁ ଆସିଥିଲେ। ମା' ରୋଷେଇ କରୁଥିବାବେଳେ ଚନ୍ଦନ ସାଥୀ ପିଲାମାନଙ୍କ ସହିତ ପାଖ ପୋଖରୀକୁ ଗାଧୋଇବାକୁ ଯାଇ ବୁଡ଼ି ଯାଇଥିଲେ। ସାଥୀ ପିଲାଙ୍କଠାରୁ ଖବର ପାଇ ମାମୁଘର ଲୋକେ ତାଙ୍କୁ ପାଣିରୁ ଉଦ୍ଧାର କରି ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ ମଧ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଭୋଗରାଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨୩/୨୩) ରୁଜୁ କରି ତଦନ୍ତ ଚଳାଇଛି।

# ବାର୍ଦ୍ଧକ୍ୟରେ ଖଲି ଚଉତି ବିକି ଚଳୁଛନ୍ତି ବୃଦ୍ଧା

କେନ୍ଦୁଝର,୬।୮(ନରେଶ ଚନ୍ଦ୍ର ପଟ୍ଟନାୟକ)

ପୁଅ, ବୋହୂ ଓ ନାତି-ନାତୁଣୀ ସମସ୍ତେ ଅଛନ୍ତି। କିନ୍ତୁ କେହି ପଚାରୁନାହାନ୍ତି। ପୁଅ ବାହାରେ ରହି କାମ କରୁଥିବା ବେଳେ ବୋହୂ ପିଲାଙ୍କୁ ଧରି ନିଜ ବାପଘରେ ରହୁଛନ୍ତି। ପରିବାରର ସମସ୍ତେ ଥାଇ ମଧ ଏକୁଟିଆ ଜୀବନ କାଟିବାକୁ ପଡୁଛି। ବର୍ଷା, ଖରା ସବୁ ସମୟରେ ମୁଣ୍ଡରେ ଖଲିପତ୍ର ଚଉତିର ବୋଝ, ହାତରେ ଛତା ଓ ବାଡ଼ି ଧରି କେନ୍ଦୁଝର ସହରକୁ ବିକ୍ରି କରିବାକୁ ଆସିଥାଆନ୍ତି। ଖଲି ଚଉତି ବିକ୍ରି କରି ଯାହା ମିଳେ ସେଥିରେ ପେଟ ପୋଷୁଛନ୍ତି। ସଦର ବ୍ଲକ୍ ଜାମୁନାଳିଆ ଗ୍ରାମର ବଚୁଆଣି ଦେହୁରୀ(୭୫)। ସ୍ୱାମୀ, ଏକ ମାତ୍ର ପୁଅ, ବୋହୂ, ଦୁଇ ନାତୁଣୀ ଓ ଗୋଟିଏ ନାତିକୁ ନେଇ ସଂସାର ଭଲରେ ଚାଲିଥିଲା। ସ୍ୱାମୀ ଓ ପୁଅ ରୋଜଗାର କରୁଥିଲେ। ସେଥିରେ ପରିବାର ଗୁଜୁରାଣ ମେଣ୍ଟୁଥିଲା। ୩ ବର୍ଷ ପୂର୍ବେ ସ୍ୱାମୀଙ୍କ ମୃତ୍ୟୁ ପରେ ସବୁ ବଦଳିଗଲା। ବୋହୂ ନାତିନାତୁଣୀଙ୍କୁ ଧରି ନିଜ ବାପଘରକୁ ପଳାଇଥିବା ବେଳେ ପୁଅ କାମ କରିବାକୁ ବାହାରକୁ ଚାଲିଗଲା। ଏଣୁ ସମସ୍ତେ ଥାଇ ମଧ


ବଚୁଆଣି ଦେହୁରୀ।

ପରିଣତ ବୟସରେ ଏକୁଟିଆ ଜୀବନ କାଟୁଛି ବୋଲି ସେ କହିଥିଲେ। ଯେଉଁ ବୟସରେ ଘରେ ରହି ନାତି ନାତୁଣୀଙ୍କ ସହିତ ଅତିବାହିତ କରିବା କଥା, ସେ ବୟସରେ ଜଙ୍ଗଲରୁ ଶାଳପତ୍ର ସଂଗ୍ରହ

### ପୁଅ, ବୋହୂ, ନାତି-ନାତୁଣୀ ଥାଇ ବି ଏକୁଟିଆ

କରି ଖଲି ଚଉତି ପ୍ରସ୍ତୁତ କରିବାକୁ ପଡୁଛି। ଚାଲିଚାଲି ୬ କି.ମି କେନ୍ଦୁଝର ସହରକୁ ଆଣି ସେ ସବୁ ବିକ୍ରି କଲେ ଦୁଇ ପଇସା ମିଳୁଛି। ଥରେ ଆସିଲେ ଶହେ ଟଙ୍କା ରୋଜଗାର ହୋଇଯାଏ। ପଞ୍ଚାୟତରୁ ଚାଉଳ ମିଳୁଛି। ଭତ୍ତା ଟଙ୍କା ବ୍ୟାଙ୍କ ଖାତାକୁ ଆସୁଛି। ଥରେ ରୋଷେଇ କଲେ ୩ ଓଳି ଖାଉଛି। ବାର୍ଦ୍ଧ୍ୟକ ବୟସରେ ପରିଶ୍ରମ କରୁଥିଲେ ବି କିଛି ଅସୁବିଧା ନାହିଁ କିନ୍ତୁ ଏକୁଟିଆ ଜୀବନ ଅଧିକ ଦୁଃଖ ଦେଉଛି ବୋଲି କହିଥିଲେ। ପୁଅ କାମରୁ ଫେରିଲେ ଦେଖାହୁଏ। ନାତିନାତୁଣୀ ବଡ଼ ବଡ଼ ହୋଇଗଲେଣି କିନ୍ତୁ ଦେଖିବାକୁ ଇଚ୍ଛା ହେଉଥିଲେ ହେଁ ଆସୁ ନ ଥିବାରୁ ଦେଖିପାରୁନାହିଁ ବୋଲି ଆଖି ଛଳ ଛଳ କରି ଦୁଃଖ ପ୍ରକାଶ କରିଥିଲେ। ବୃଦ୍ଧାଜଣଙ୍କ ଭାରି ସ୍ନେହୀ। ତାଙ୍କ ନାତି ବୟସର ଯାହାକୁ ଦେଖିଲେ ଖୁସିରେ କଥା ହୋଇଥାନ୍ତି। ସମସ୍ତଙ୍କୁ ଶ୍ରଦ୍ଧା କରିଥାଆନ୍ତି ବୋଲି ବୃଦ୍ଧାଙ୍କଠାରୁ ଖଲିପତ୍ର ଚଉତି କିଣୁଥିବା ଅନୀଲ ସୋନକାର କହିଛନ୍ତି।

